## ପାତ୍ରପୁରକୁ ଏନ୍‌ଏସି ଘୋଷଣା ନ ହେବାରୁ କ୍ଷୋଭ

ପାତ୍ରପୁର, ୨୪।୨ (ଉମା ଚରଣ ନେପାକ) ଶନିବାର ଓଡିଶା ସରକାରଙ୍କ ପକ୍ଷରୁ ୩୪ଟି ସହରକୁ ବିଜ୍ଞାପିତ ଅଞ୍ଚଳ ଏବଂ ୫ଟି ଏନ୍‌ଏସିକୁ ମୁନିସିପାଲଟି ଭାବେ ଘୋଷଣା କରିଥିବା ବେଳେ ପାତ୍ରପୁରକୁ ଏଥିରେ ସାମିଲ କରାଯାଇ ନଥିବାରୁ ପାତ୍ରପୁର ବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ବୁଦ୍ଧିଜୀବୀଙ୍କ ସହ ବିଭିନ୍ନ ମହଲରୁ ଶାସକ ଦଳ ଓ ସରକାରଙ୍କୁ ନିନ୍ଦା କରାଯାଇଛି। ଦୀର୍ଘ ଦିନରୁ ପାତ୍ରପୁରକୁ ଏନଏସି ମାନ୍ୟତା ଦାବି ହୋଇ ଆସୁଥିଲେ ମଧ୍ୟ ଏଠିକାର ବିଧାୟିକା କର୍ଣ୍ଣପାତ କରୁନଥିବା ଦୁଃଖର ବିଷୟ ପାଲଟିଛି। ସ୍ଥାନୀୟ ବିଧାୟିକା ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଦାୟିତ୍ୱରେ ଥିବା ସର୍ତ୍ତେ ଗଞ୍ଜାମ ଜିଲାର ଶେରଗଡ ଓ କୁକୁଡାଖଣ୍ଡିକୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ ପାତ୍ରପୁରକୁ ସାମିଲ କରାଯାଇନାହିଁ। ଯାହାକୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ଦୃଢ ନିନ୍ଦା କରିଛନ୍ତି। ସରକାର ତୁରନ୍ତ ପୁନଃବିଚାର କରି ପାତ୍ରପୁରକୁ ଏନଏସି ଘୋଷଣା କରନ୍ତୁ ନଚେତ ଆସନ୍ତା ନିର୍ବାଚନ ବେଳେ ଜନସାଧାରଣ ଠିକ ପଦକ୍ଷେପ ନେବେ ବୋଲି ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ପ୍ରକାଶ କରିଛନ୍ତି।

# ୨ ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା



ଆସିକାରେ ଆୟୋଜିତ ଶୋଭାଯାତ୍ରାରେ ଏନଏସି ଅଧକ୍ଷା, ବିଧାୟିକା ଓ ଅନ୍ୟମାନେ ।

ଆସିକା ୨୪।୨ (ସୁରେନ୍ଦ୍ରନାଥ ସାହୁ): ଗଞ୍ଜାମ ଜିଲାର ଛତ୍ରପୁର ଓ ଆସିକା ଏନଏସିକୁ ମ୍ୟୁନିସିପାଲଟି ମାନ୍ୟତା ପ୍ରଦାନ କରାଯାଇଛି। ଫଳରେ ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ସାକାର ହୋଇଛି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛତ୍ରପୁର ଓ ଆସିକା ଏନଏସିକୁ ମ୍ୟୁନିସିପାଲଟିର ମାନ୍ୟତା ଘୋଷଣା ପରେ ସାଧାରଣରେ ଉତ୍ସାହ ଖେଳିଯାଇଛି। ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁଙ୍କୁ ଏନଏସି କାର୍ଯ୍ୟାଳୟରେ ବିଭିନ୍ନ ୱାର୍ଡର କାଉନସିଲର ଓ ଜନସାଧାରଣ ସାକ୍ଷାତ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅପରପକ୍ଷେ ଅପରାହ୍ଣରେ ଏନଏସି ଅଧକ୍ଷାଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଜୁ ପଟ୍ଟନାୟକ ଛକରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ମା' ଖମ୍ବେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ସହ ସାମୂହିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧକ୍ଷା ସ୍ୱାଇଁଙ୍କ ସମେତ ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଂଜୁଳା ସ୍ୱାଇଁ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ବ୍ରାଣ୍ଡଆମ୍ବସେଡର ଅରୁଣ କୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଜିଲ୍ଲାପରିଷଦ ସଦସ୍ୟା ଅନିମା ପରିଡା ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଗଂଜାମ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ସେହିଭଳି ବିଧାୟିକା ମଂଜୁଳା ସ୍ୱାଇଁ, ଏମପି. ପ୍ରମିଳା ବିଷୋୟୀ, ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ବିଜେଡି ଜିଲ୍ଲା ଉପସଭାପତି ଦିଲ୍ଲୀପ କୁମାର ପାଣିଗ୍ରାହୀ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି । ୧୯୫୭ ନଭେମ୍ବର ୧୫ରେ ଏହି ଏନଏସି ପ୍ରତିଷ୍ଠା ହୋଇଥିଲା । ରାଜ୍ୟ ଉଚ୍ଚନ୍ୟାୟାଳରେ ଏ ସମ୍ପର୍କରେ ଜନସ୍ୱାର୍ଥ ମାମଲା ମଧ୍ୟ ଦାଖଲ ହୋଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ କୁକୁଡ଼ାଖଣ୍ଡିବାସୀ



ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛନ୍ତି ଅଞ୍ଚଳବାସୀ

ବ୍ରହ୍ମପୁର,୨୪।୨(ନରସିଂହ ସାହୁ): ବ୍ରହ୍ମପୁର ନିକଟ କୁକୁଡ଼ାଖଣ୍ଡି ପଞ୍ଚାୟତକୁ ଏନଏସି ଘୋଷଣା କରାଯାଇଛି। ଦୀର୍ଘବର୍ଷର ଦାବି ପୂରଣ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କୁକୁଡ଼ାଖଣ୍ଡି ପଞ୍ଚାୟତ ପାର୍ଶ୍ୱରେ ଥିବା ଏ. ରଘୁନାଥପୁର, ନୂଆ ରାମଚନ୍ଦ୍ରପୁର ଓ ପୁରୁଣା ରାମଚନ୍ଦ୍ରପୁରକୁ ମିଶ୍ରଣ କରାଯାଇ ଏନ୍‌ଏସି କରାଯାଇଛି। ସରକାରୀ ଘୋଷଣା ପରେ କୁକୁଡ଼ାଖଣ୍ଡିବାସୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ସମାବେଶ କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବରିଷ୍ଠ ବିଜେଡି ନେତା ତଥା ଗଞ୍ଜାମ ଜିଲା ସମବାୟ ସଂଘ ସଭାପତି କୈଳାସ ରଣା ସମାବେଶରେ ସଂଯୋଜନା କରିଥିଲେ। ବ୍ଲକ ଅଧକ୍ଷ କାମାକ୍ଷ ପାତ୍ର, କେ. ମଣିବାବୁଙ୍କ ସମେତ ବହୁ ସଂଖ୍ୟକ ମହିଳା, ପୁରୁଷ ଏବଂ ଯୁବ ଓ ଛାତ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ୨୦୧୩-୧୪ ବର୍ଷରେ କୁକୁଡ଼ାଖଣ୍ଡିକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ତତ୍କାଳୀନ ଜିଲାପାଳ ସରକାରଙ୍କୁ ସୁପାରିସ କରିଥିଲେ। ୧୦ ବର୍ଷ ପରେ ଅଞ୍ଚଳବାସୀଙ୍କ ଦାବି ପୂରଣ ହୋଇଛି।

## ସଂକ୍ଷେପରେ

### ପୋଖରୀରୁ ମୃତଦେହ ଜବତ

ଆସିକା ୨୪।୨ (ସୁରେନ୍ଦ୍ରନାଥ ସାହୁ): କୋଟିନଡା ଥାନା ଅନ୍ତର୍ଗତ ଟିନିଶିଙ୍ଘ ନୂଆଗାଁ ସଂଲଗ୍ନ ବେଣିଆ ଗ୍ରାମର ସୁନାରି ବନ୍ଧ ପୋଖରୀରୁ ଶନିବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି । ମୃତକ ଜଣକ ସେହି ଗ୍ରାମର ପିତାମ୍ବର ସାହୁ (୫୭) ବୋଲି ଜଣାପଡିଛି । ସ୍ନାନ ଶୌଚ ଲାଗି ପିତମ୍ବାର ପୋଖରୀକୁ ଯାଇ ଦୀର୍ଘ ସମୟ ଧରି ଫେରିନଥିଲେ। ଅଗ୍ନିଶମ ଦଳ ପହଞ୍ଚି ମୃତଦେହ ଜବତ କରିଥିଲା। ଆସିକା ଡାକ୍ତରଖାନାରେ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଘଟଣା ସମ୍ପର୍କରେ କୋଟିନଡା ଥାନାରେ ୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି।

### ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ମନ୍ଦିରରୁ ଜଣେ ମହିଳାଙ୍କ ବେକରୁ କେହି ଦୁର୍ବୃତ୍ତ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଏନେଇ ଅନୁଛାୟା ବିଶ୍ୱାଳ (୫୫) ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୨୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଲାଞ୍ଜିପଲୀ ରାମନଗରର ପ୍ରଥମ ଗଳିର ଅନୁଛାୟା ଗତ ୨୦ ତାରିଖ ସକାଳ ପ୍ରାୟ ୧୦ଟା ବେଳେ କୋର୍ଟପେଟା ଜଗନ୍ନାଥ ମନ୍ଦରକୁ ଦର୍ଶନ ପାଇଁ ଯାଇଥିଲେ। ଉକ୍ତ ଦିନ ବଡ ଏକାଦଶୀ ପର୍ବ ଯୋଗୁଁ ମନ୍ଦିର ଭିତରେ ପ୍ରବଳ ଭିଡ଼ ରହିଥିଲା। ଭକ୍ତ ବେଶରେ କେହି ଦୁର୍ବୃତ୍ତ ସୁଯୋଗ ନେଇ ପଛପଟୁ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଯାଇଥିଲେ, ଯାହାର ଓଜନ ୨୨ଗ୍ରାମ ହେବ। ସେ ଏନେଇ ଥାନାରେ ଏତଲା ଦେଇଛନ୍ତି।

### ନିର୍ମାଣାଧୀନ ଘରୁ ସାମଗ୍ରୀ ଚୋରି

ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ): ଶକ୍ତିନଗରର ପ୍ରଥମ ଲାଇନର ଏକ ନିର୍ମାଣାଧୀନ ଘରୁ ବିଭିନ୍ନ ପ୍ରକାର ସାମଗ୍ରୀ ଚୋରି ହୋଇଛି। ଏନେଇ ଗୃହକର୍ତ୍ତା ମୃତ୍ୟୁଞ୍ଜୟ ଦାଶ ଗୋଶାଣି ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ଗତ ୨୨ ତାରିଖ ରାତିରେ ଉକ୍ତ ଘର ତାଲା ଭାଙ୍ଗି କେହି ଦୁର୍ବୃତ୍ତ କାଠ କାମ ନିର୍ମାଣ ପାଇଁ ରହିଥିବା ମେଶିନ, ବିଦ୍ୟୁତ୍ ତାର, ସୁଇଚ୍ ଇତ୍ୟାଦି ଚୋରି କରି ନେଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିଛି।

### ଭତ୍ତା ବଣ୍ଟନ

ପାଟପୁର,୨୪।୨(ସୀମାଞ୍ଚଳ ସାହୁ): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଟିଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୮୬ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ସୀମାଞ୍ଚଳ ପାତ୍ର ଯୋଗ ଦେଇଥିଲେ। ସରପଞ୍ଚ ସୀମାଞ୍ଚଳ ଗୌଡ଼, ନାଏବ ସରପଞ୍ଚ ସୁନିତା ଗୌଡ଼, ଗ୍ରାମସେବକ ପି. ରାମପ୍ରସାଦ ପୁଷ୍ଟି, ଜିଆରଏସ ଶିବରାମ ସାହୁ ଉପସ୍ଥିତ ଥିଲେ।

## ସହରତଳିକୁ ବିଏମ୍‌ସିରେ ସାମିଲ, ଭଞ୍ଜନଗରକୁ ମ୍ୟୁନିସିପାଲିଟି ଦାବି

ବ୍ରହ୍ମପୁର,୨୪।୨ (ସ୍ମୃତି ରଞ୍ଜନ ମହାଲିକ): ରାଜ୍ୟ ସରକାର ଶନିବାର ୩୪ଟି ନୂତନ ଏନଏସି ଗଠନ ଓ ୫ଟି ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ନେଇ ଘୋଷଣା କରିଛନ୍ତି। ଏଥିମଧ୍ୟରୁ ଗଞ୍ଜାମ ଜିଲାର କୁକୁଡାଖଣ୍ଡି ପଞ୍ଚାୟତକୁ ଏନଏସି ଓ ଛତ୍ରପୁର ଏବଂ ଆସ୍କା ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ କରିଛନ୍ତି। ପୂର୍ବରୁ ଶେରଗଡ ପଞ୍ଚାୟତକୁ ଏନଏସି ମାନ୍ୟତା ନେଇ ଘୋଷଣା କରିଥିଲେ। କିନ୍ତୁ ଦୀର୍ଘଦିନରୁ ଦାବି ହୋଇଆସୁଥିବା ବ୍ରହ୍ମପୁର ସହରତଳି ଅଞ୍ଚଳକୁ ବିଏମସିରେ ସାମିଲ ନେଇ କୌଣସି ଘୋଷଣାନାମା ସ୍ଥାନ ନ ପାଇବା ଏବଂ ଭଞ୍ଜନଗରକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ ନ କରିବା ନେଇ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି କ୍ଷୋଭ ପ୍ରକାଶ କରିଛି। କମିଟି ପକ୍ଷରୁ ଦୀର୍ଘ ୧୨ ବର୍ଷ ଧରି କ୍ରମବର୍ଦ୍ଧିଷ୍ଣୁ ଅଞ୍ଚଳ, ଭୌଗୋଳିକ ପରିସୀମା, ଲୋକସଂଖ୍ୟା ଓ ସର୍ବନିମ୍ନ ମୌଳିକ ସୁବିଧାର ଅଭାବ ଭଳି ତଥ୍ୟ ଆଧାରକୁ ନେଇ ସହରତଳିକୁ ମହାନଗରରେ ସାମିଲ କରି ଏକ ପୂର୍ଣ୍ଣାଙ୍ଗ ଓ ବୃହତ୍ତର ସହରରେ ପରିଣତ କରିବା ନେଇ ଆନ୍ଦୋଳନ କରିଆସୁଛି। ଏ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ରହିଛି। କିନ୍ତୁ ରାଜ୍ୟ ସରକାର ନିଷ୍ପତ୍ତି ନେବା ବଦଳରେ ଅଣଦେଖା କରୁଥିବା କମିଟି ଅଭିଯୋଗ କରିଛି। ଗତ ୨୦୨୨ ଅକ୍ଟୋବରରେ ଲୋଚାପଡା ପଞ୍ଚାୟତ ସମେତ ଅନ୍ୟ ୩ଟି ଗ୍ରାମକୁ ବିଏମସିରେ ସାମିଲ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁଯାୟୀ କୌଣସି କାର୍ଯ୍ୟ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ବ୍ରହ୍ମପୁର ବିଧାୟକ ଲୋଚାପଡା ଓ ଭାବିନିପୁର ପଞ୍ଚାୟତକୁ ବିଏମସିରେ ସାମିଲ ନେଇ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ମଧ୍ୟ ଆଜି ଯାଏଁ ପୂରଣ ହୋଇପାରିଲା ନାହିଁ ବୋଲି କମିଟି କହିଛି। ଏଣୁ ରାଜ୍ୟ ସରକାରଙ୍କ ଅବହେଳା ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନିଷ୍କ୍ରିୟତା ବିରୋଧରେ କମିଟି ଆନ୍ଦୋଳନ ନିମନ୍ତେ ରଣନୀତି ପ୍ରସ୍ତୁତ କରିବ ବୋଲି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି।

## ଇତିହାସରେ ୨୨ ପରୀକ୍ଷାର୍ଥୀ ଏମ୍‌ପି

ବ୍ରହ୍ମପୁର,୨୪।୨(ତନୁଶ୍ରୀ ନାହାକ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ପରୀକ୍ଷାର ଷଷ୍ଠ ଦିବସରେ ଶନିବାର କଳାସ୍ରୋତର ଇତିହାସ, ବିଜ୍ଞାନ ସ୍ରୋତର ଭୂତତ୍ତ୍ୱ, ବାଣିଜ୍ୟ ସ୍ରୋତର ବିଏସ୍ଏମ୍ ଓ ଧନ୍ଦାମୂଳକ ଶିକ୍ଷା ସ୍ରୋତର ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଦକ୍ଷିଣାଞ୍ଚଳ ଅଧୀନସ୍ଥ ୮ଟି ଜିଲାର ୨୦୫ଟି ପରୀକ୍ଷା କେନ୍ଦ୍ରରେ ୨୨ଜଣ ପରୀକ୍ଷାର୍ଥୀ ମାଲ ପ୍ରାକ୍ଟିସ (ଏମପି)ରେ ବୁକ ହୋଇଛନ୍ତି। ଏମପି ହୋଇଥିବା ଛାତ୍ରଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ, ଆଠଗଡ଼ପାଟଣା ସ୍ଥିତ ନାରାୟଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ, ଭାଟକୁମରଡ଼ା ସ୍ଥିତ ବାସୁଦେବ ସେଠୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୬ ଜଣ ହୋଇଥିବା ବେଳେ ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲୀ ସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩ ଜଣ, ନବରଙ୍ଗପୁର ଜିଲା ମଇଦଲପୁର ସ୍ଥିତ ମଇଦଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ ଓ ବୌଦ୍ଧ ଜିଲ୍ଲା ପୁରୁଣାକଟକ ସ୍ଥିତ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୭ ଜଣ ପରୀକ୍ଷାର୍ଥୀ ଆଜି ଇତିହାସ ବିଷୟରେ କପି କରି ଜୋନାଲ ସ୍କ୍ୱାର୍ଡ଼ ହାତରେ ଧରାପଡ଼ିଛନ୍ତି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝାଙ୍କ ସୂତ୍ରରୁ ଜଣାପଡ଼ିଛି ।

## ସ୍ତ୍ରୀହନ୍ତା ସ୍ୱାମୀଙ୍କୁ ଆଜୀବନ ଜେଲ

ଆସିକା ୨୪।୨ (ସୁରେନ୍ଦ୍ରନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଗତ ୨୦୨୨ ସେପ୍ଟେମ୍ବର ୨୫ରେ ସେହି ଗ୍ରାମର ମଞ୍ଜୁଳା ପ୍ରଧାନ ନିର୍ମମ ହତ୍ୟାର ଶିକାର ହୋଇଥିଲେ। ଶନିବାର ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଆସିକା ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରବୀର କୁମାର ଚୌଧୁରୀ ଅଭିଯୁକ୍ତ ମୃତ ମଞ୍ଜୁଳାଙ୍କ ସ୍ୱାମୀ ବିଜୟ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜୋରିମାନା ଓ ଅର୍ଥ ଅନାଦେୟ ଅତିରିକ୍ତ ୩ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ବିଜୟ ଏକ କାତିରେ ମଞ୍ଜୁଳାଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ମଞ୍ଜୁଳାଙ୍କ ଭାଇ ସନ୍ତୋଷ ଆସିକା ପୋଲିସରେ ଅଭିଯୋଗ କରିଥିଲେ।

## କାଜୁ ତୋଟାରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ଆସିକା ୨୪।୨ (ସୁରେନ୍ଦ୍ରନାଥ ସାହୁ):

ଆସିକା ଥାନା କୋଟିବାଡି ଗ୍ରାମ ସଂଲଗ୍ନ କାଜୁ ତୋଟାରୁ ଶନିବାର ସକାଳେ ପୋଲିସ ଏକ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି । ତାଙ୍କ ବାମ ହାତରେ ପାନପତ୍ର ଚିହ୍ନ ସହ ଏସ୍ ଲେଖାଥିବା ଏକ ଟାଟୁ ରହିଛି। ମୃତ ଦେହ ନିକଟରୁ ମଦ ବୋତଲ, କିଛି କୀଟନାଶକ ଔଷଧ ଏବଂ ଗ୍ଲାସ ମିଳିଛି । ଖବର ପାଇ ଆସିକା ଏସଡିପିଓ ସଂଜୟ କୁମାର ମହାପାତ୍ର, ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ମୃତ ଦେହକୁ ପଞ୍ଚନାମା କରି ଜବତ କରିଛନ୍ତି । ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ବ୍ୟବଚ୍ଛେଦ ଲାଗି ମୃତଦେହକୁ ବ୍ରହ୍ମପୁର ବଡମେଡିକାଲ ଏଫ.ଏମ.ଟି ବିଭାଗକୁ ପଠାଯାଇଛି । ତେବେ ଏହା ୪ ରୁ ୫ ଦିନ ହୋଇଥିବା ଓ ବୟସ ୩୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି । ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିବା ତଦନ୍ତ ଚାଲିଥିଲା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ବ୍ରହ୍ମପୁରରେ ଦେଶର ସର୍ବବୃହତ୍ ଇନ୍‌ଡୋର ଭାରୋତ୍ତୋଳନ ଷ୍ଟାଡିୟମ

### ଖୁବଶୀଘ୍ର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ, ସୂଚନା ଦେଲେ କ୍ରୀଡ଼ା ସଚିବ



ବ୍ରହ୍ମପୁର ଭାରୋତ୍ତୋଳନ କ୍ରୀଡ଼ା ହଷ୍ଟେଲ/ ଭାରୋତ୍ତୋଳନ ଇନ୍‌ଡୋର ଷ୍ଟାଡ଼ିୟମ

ବ୍ରହ୍ମପୁର,୨୪।୨(ତନୁଶ୍ରୀ ନାହାକ): ଗଞ୍ଜାମ ଜିଲାକୁ ଭାରୋତ୍ତୋଳନ କ୍ରୀଡ଼ାବିତଙ୍କ ଏକ୍ସୁଡ଼ିଶାଳ ବୋଲି କୁହାଯାଏ। ଦୀର୍ଘ ବର୍ଷ ଧରି ଏହି ଜିଲାରୁ ବହୁ କ୍ରୀଡ଼ାବିତ ଭାରୋତ୍ତୋଳନ ଓ ଶକ୍ତି ଉତ୍ତୋଳନ କ୍ଷେତ୍ରରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ତେବେ ଜାତୀୟସ୍ତରରେ ବ୍ରହ୍ମପୁର ସହ ଭାରୋତ୍ତୋଳନ କ୍ଷେତ୍ରରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ନୂତନ ଭାବେ ନିର୍ମିତ ହୋଇଥିବା ବ୍ରହ୍ମପୁର ଷ୍ଟାଡ଼ିୟମରେ ରହିଛି ଦେଶର ସର୍ବ ବୃହତ ଭାରୋତ୍ତୋଳନ ଇନଡ଼ୋର ଷ୍ଟାଡ଼ିୟମ। ଏହି ଷ୍ଟାଡ଼ିୟମକୁ ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଉଦ୍‌ଘାଟନ କରିବେ। ଏନେଇ ଶନିବାର ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ପ୍ରମୁଖ ସଚିବ ଆର.ଭିନିଲ କ୍ରୀଷ୍ଣା ଟ୍ୱିଟ ମାଧ୍ୟମରେ ଜଣାଇଛନ୍ତି। ସୁଚନାଯୋଗ୍ୟ ଯେ, ଦୀର୍ଘ ତିନି ବର୍ଷ ନିର୍ମାଣାଧୀନ ଥିବା ବ୍ରହ୍ମପୁର ଷ୍ଟାଡ଼ିୟମର ଏହି ଇନ୍‌ଡୋର ହଲକୁ ପୂର୍ବରୁ ବହୁମୁଖୀ କ୍ରୀଡ଼ା ନିମନ୍ତେ ବ୍ୟବହାର କରିବା ନିମନ୍ତେ ପ୍ରସ୍ତୁତ କରାଯାଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ କେବଳ ଭାରୋତ୍ତୋଳନ କ୍ରୀଡ଼ାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି। ଏହି ଇନ୍‌ଡୋର ହଲରେ ଏକାଥରେ ୩୦ଟି ପ୍ଲାଟଫର୍ମ ଥିବା ବେଳେ ଥରକେ ୨୦୦ ଦର୍ଶକ ଏକା ସାଙ୍ଗେ କ୍ରୀଡ଼ା ଉପଭୋଗ କରିବେ। ସେହିପରି ଦେଶର ସର୍ବବୃହତ ଭାରୋତ୍ତୋଳନ କ୍ରୀଡ଼ା ହଷ୍ଟେଲ ମଧ୍ୟ ଏଠାରେ ରହିବ। କ୍ରୀଡ଼ାବିତଙ୍କ ନିମନ୍ତେ ବ୍ୟାୟାମଶାଳାରୁ ଆରମ୍ଭ କରି ଜାତୀୟ, ଅନ୍ତର୍ଜାତୀୟସ୍ତରୀୟ କୋଚ, ଫିଜିଓ ଥେରାପିଷ୍ଟ ପ୍ରମୁଖ ଏଠାରେ କ୍ରୀଡ଼ାବିତଙ୍କ ସୁବିଧା ନିମନ୍ତେ ନିୟୋଜିତ ରହିବେ।

## ମିନି ଟ୍ରକ୍ ଆସୋସିଏସନ ବିରୋଧରେ ଚାନ୍ଦା ଆଦାୟ ଅଭିଯୋଗ

ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ): ନିଖିଳ ଓଡ଼ିଶା ମିନି ଟ୍ରକ୍ ଆସାସିଏସନ୍ ପକ୍ଷରୁ ବ୍ରହ୍ମପୁର ମିନିଟ୍ରକ୍ ଆସୋସିଏସ୍‌ନ ବିରୋଧରେ ବେଆଇନ୍ ଚାନ୍ଦା ଆଦାୟ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏନେଇ ବଡ଼ବଜାର ଥାନା ପୋଲିସ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ବ୍ରହ୍ମପୁର ମିନିଟ୍ରକ୍ ଆସୋସିଏସନ୍ ପକ୍ଷରୁ ଗତ ୨୧ ତାରିଖରେ ବଡ଼ବଜାର ଥାନା ସମ୍ମୁଖରେ ଏକ ଗାଡ଼ିକୁ ଅଟକାଇ ୩ଶହ ଟଙ୍କା ଚାନ୍ଦା ମଗାଯାଇଥିଲା। ଚାଳକ ମନା କରିବାରୁ କିଏ ଲୋଡ଼ ଦେଇଛି ପଚାରି ସମ୍ପୃକ୍ତ ଟ୍ରାନ୍ସପୋର୍ଟ ନାଁରେ ୩୦୦ଟଙ୍କାର ଏକ ରସିଦ କାଟି ରଖିଥିଲେ। ଏନେଇ ନିଖିଳ ଓଡ଼ିଶା ସଂଘ ସମ୍ପାଦକ ବଡ଼ବଜାର ଆଇଆଇସିଙ୍କୁ ଅବଗତ କରାଇଥିଲେ। ତାଙ୍କ ପରାମର୍ଶକ୍ରମେ ସେହି ଚାଳକ ଥାନାରେ ଏତଲା ଦେଇଛନ୍ତି। ୨୦୨୨ରେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କୌଣସି ଗାଡ଼ିରୁ ଚାନ୍ଦା ଆଦାୟ ହୋଇପାରିବ ନାହିଁ। ତଥାପି ଏଭଳି ବେଆଇନ୍ ଚାନ୍ଦା ଆଦାୟ ହେଉଥିବା ଏତଲାରେ ଦର୍ଶାଯାଇଛି।

## ଦୋଷୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

### ଗଞ୍ଜେଇ ଚୋରା ଚାଲାଣ ମାମଲା

ବ୍ରହ୍ମପୁର,୨୪।୨(ସୁବାସ ଚନ୍ଦ୍ର ପାଢ଼ୀ):

ଅତିରିକ୍ତ ଜିଲା ଜଜ୍(ଏଡିଜେ)-୩ ରାଜ କୁମାର ଦାସ ଶନିବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଖାରୀଗୁମା ଗ୍ରାମର ସଞ୍ଜୀବ ପାଲ(୨୪)। ଏଡିଜେ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ ରହିଛି। ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ରାୟରେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨୦୨୧ ଏପ୍ରିଲ୍ ୨୭ରେ ସଞ୍ଜୀବକୁ ଅବକାରୀ ଗୁଇନ୍ଦା ଟିମ ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସରୁ କାବୁ କରିଥିଲା। ତା'ଠାରୁ ଦୁଇଟି ବ୍ୟାଗ୍ ଭର୍ତ୍ତି ଗଞ୍ଜେଇ ମିଳିଥିଲା, ଯାହାର ଓଜନ ୪୬ କେଜି ରହିଥିଲା। ପଚରାଉଚରା ବେଳେ ସେହି ଗଞ୍ଜେଇ ଗଜପତି ଜିଲାରୁ ଆଣି ସେ ଉତ୍ତରପ୍ରଦେଶ ଚାଲାଣ କରିଥାନ୍ତା ବୋଲି ସ୍ୱୀକାର କରିଥିଲା। ଏନେଇ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ମାମଲା ରୁଜୁ କରାଯିବା ସହ ସଞ୍ଜୀବକୁ କୋର୍ଟ ଚାଲାଣ କରାଯାଇଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ବିଚାର ବେଳେ ୩ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଚୂଡ଼ାନ୍ତ ରାୟ ବେଳେ ଅଭିଯୁକ୍ତଙ୍କୁ ଜେଲରୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନିଲ ସାହୁ, ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ମକଦ୍ଦମା ପରିଚାଳନା କରିଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଉଡ଼ାଣ ଉଦ୍‌ଯାପିତ

ବ୍ରହ୍ମପୁର,୨୪।୨(ସ୍ମୃତି ରଞ୍ଜନ ମହାଲିକ):




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ଭବନ ପରିସରରେ ଆୟୋଜିତ ୨ ଦିନିଆ ଉଡାଣ-୨୦୨୪ କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ କୃଷକ ଓ ବୈଜ୍ଞାନିକମାନେ ଏକତ୍ରିତ ହୋଇ ଦୀର୍ଘ ସ୍ଥାୟୀ ଜଳବାୟୁ କୃଷିରେ ନବ ସୃଜନତା ଉପରେ ଆଲୋଚନା ହୋଇଥିଲା। ଏଥିରେ ଭୁବନେଶ୍ୱର ଏଗ୍ରିକଲଚର ଟେକ୍ନୋଲୋଜି ଫର ଓମେନ ଡିଭିଜନର ମୁଖ୍ୟ ଡ. ସୁକାନ୍ତ କୁମାର ଷଡଙ୍ଗୀ, ଆଇସିଏଆର-ସିଆଇଡବ୍ଲୁଏର ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସିଦ୍ଧାର୍ଥ ଶଙ୍କର ଦାସ, ବ୍ଲକ କୃଷି ଅଧିକାରୀ ଅଜିତ କୁମାର ପାଣିଗ୍ରାହୀ ଓ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରାକେଶ ରୋଶନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ବିପର୍ଯ୍ୟୟ ବିପତ୍ତି ହ୍ରାସ ଜରିଆରେ ଦୀର୍ଘ ସ୍ଥାୟୀ ଜଳବାୟୁରୁ ଏକ ସଂସ୍କୃତିକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଅନେକ ସଫଳ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ନେଇ ଟିଏସଏଫ ଗୋପାଳପୁରର ମୁଖ୍ୟ ରକି ମାର୍ଟିନ କହିଛନ୍ତି ଯେ, ଗୋପାଳପୁରର ପାରିପାର୍ଶ୍ୱିକ ଅଞ୍ଚଳରେ ବିପର୍ଯ୍ୟସ୍ତ ବିପତ୍ତି ହ୍ରାସ ଜରିଆରେ ଦୀର୍ଘ ସ୍ଥାୟୀ ଜଳବାୟରୁ ଏକ ସଂସ୍କୃତି ବିକାଶ କରିବା କ୍ଷେତ୍ରରେ ଫାଉଣ୍ଡେଶନ ବିଶେଷ ଧ୍ୟାନ ଦେଉଛି। ଆସନ୍ତା ୫ ବର୍ଷ ମଧ୍ୟରେ ସମାନ ଚିନ୍ତାଧାରା ଓ ବିଭିନ୍ନ ହିତାଧିକାରୀଙ୍କ ସହ ଜଡିତ ରହିବେ ବୋଲି ସେ କହିଛନ୍ତି। ସୂଚନା ଥାଉ କି, ଶୁକ୍ରବାର ଉଦ୍‌ଘାଟନୀ ସମାରୋହରେ ଅର୍ଥନୈତିକ ସ୍ତରରେ ଜାତି ଓ ଜନଜାତି ବର୍ଗ ପରିବାରର ୫୪୪ ଜଣ ଛାତ୍ରୀଛାତ୍ରଙ୍କୁ ଜ୍ୟୋତି ଫେଲୋସିପ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ମୃତ

ବୁଗୁଡ଼ା,୨୪।୨(କାଳୀଚରଣ ଦାଶ)

ବୁଗୁଡା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗାଁ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ଜଣକ ଟଭାପଲ୍ଲୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ଆହତ ଜଣକ ବି.କରଡ଼ାବାଡ଼ି ଗ୍ରାମର ବିଦେଶୀ ନାୟକ। ଶୁକ୍ରବାର ରାତିରେ ପୂର୍ଣ୍ଣଚନ୍ଦ୍ର ବାଇକରେ ବିରଞ୍ଚିପୁର ଆସୁଥିଲେ। ଅନ୍ୟପକ୍ଷରେ ବିଦେଶୀ ବୁଗୁଡ଼ାରୁ ବାଇକ୍ ଯୋଗେ ନିଜ ଗାଁକୁ ଯାଉଥିଲେ। ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ସ୍ଥାନୀୟ ଲୋକେ ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଏବଂ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା।

### ବାଲି ଚୋରାଚାଲାଣ ବେଳେ ଓଲଟିଲା ହାଇୱା

ପୁରୁଷୋତ୍ତମପୁର,୨୪।୨(ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଆସିକା-ହୁମ୍ମା ମୁଖ୍ୟ ରାସ୍ତାର ପ୍ରତାପୁର ଛକ ନିକଟରେ ଏକ ବାଲିବୋଝେଇ ହାଇୱା ଶୁକ୍ରବାର ରାତ୍ରିରେ ରାସ୍ତାପାର୍ଶ୍ୱ ଏକ ବିଲ ମଧ୍ୟକୁ ଓଲଟି ପଡିଛି। ଆଇଆଇସି ବିପିନ ବିହାରୀ ହୋତା ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି। ଗାଡିର ଉଭୟ ନମ୍ବର ପ୍ଲେଟ୍ ହଟାଇ ଦିଆଯାଇଛି। ତେବେ ଋଷିକୁଲ୍ୟା ନଦୀଘାଟରୁ ରୀତିମତ ଭାବରେ ରାତାରାତି ବେଆଇନ ଭାବରେ ହିଟାଚି ଓ ଜେସିବି ମେଶିନ ମାଧ୍ୟମରେ ବାଲିମାଫିଆମାନେ ବାଲିଖୋଳି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରିବାରେ ଲାଗିଛନ୍ତି। ମାତ୍ର ଏଥିପ୍ରତି ରାଜସ୍ୱ ବିଭାଗ (ତହସିଲ) ଓ ମାଇନ୍ସ ବିଭାଗ ପକ୍ଷରୁ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ।

### ଦିଗପହଣ୍ଡିରେ ଗଡ଼ିଲା ଲକ୍ଷ୍ମୀ ବସ୍

ଦିଗପହଣ୍ଡି,୨୪।୨(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକରେ ଗଡ଼ିଲା ଲକ୍ଷ୍ମୀ ବସ। ଶୁକ୍ରବାର ବିଡ଼ିଓ ଡ.ଚିତ୍ତରଞ୍ଜନ ଦାସ ସବୁଜ ପତାକା ଦେଖାଇ ଲକ୍ଷ୍ମୀ ବସର ଉଦଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ଟି ବସ୍ ବ୍ଲକ ସଦର ମହକୁମାରୁ ବାହାରି ପଦ୍ମନାଭପୁର ପଞ୍ଚାୟତ ଦେଇ ଗଡଗୋବିନ୍ଦପୁର ପଞ୍ଚାୟତ ପହଞ୍ଚି ଥିବା ବେଳେ ଅନ୍ୟ ବସଟି ଖମାରୀ ଗାଁ, କଇଠଖଣ୍ଡି ଏବଂ ନିମଖଣ୍ଡିପେଣ୍ଠ ପଞ୍ଚାୟତରେ ପହଞ୍ଚିଥିବା ବିଡ଼ିଓ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଆଉ ୪ ଟି ବସ୍ ଆସିବା ସହ ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତବାସୀ ଏହି ସୁବିଧା ପାଇପାରିବେ ବୋଲି ସେ ଜଣାଇଛନ୍ତି। ବସ ଯାତ୍ରା ଶୁଭ ଉଦ୍‌ଘାଟନ ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ, ବରିଷ୍ଠ କିରାଣି ଚଞ୍ଚଳା ମାଝୀ, ଜିପିଓ ଉମେଶ ସେଠୀ, କନିଷ୍ଠ ଯନ୍ତ୍ରୀ ଇଂ. ସୁରେଶ ସେଠୀ, ପ୍ରେମ ରଞ୍ଜନ ମହାପାତ୍ର, ବ୍ଲକ ସରପଞ୍ଚ ସଂଘ ସଭାପତି ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ବିଏସ୍‌ଏସ୍‌ଓ ରଶ୍ମି ପ୍ରକାଶିନୀ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋଟିଏ ରାତିରେ ୩ ଦୋକାନରୁ ଚୋରି

ଗୋପାଳପୁର,୨୪।୨(ନବୀନ ରାଜ ଆଚାରୀ):

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଟା ବଜାରରେ ଶୁକ୍ରବାର ରାତିରେ ତିନୋଟି ଦୋକାନରୁ ଚୋରି ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି । ପଞ୍ଚମା ରୋଡରେ ଥିବା ପ୍ରଶାନ୍ତ ପଣ୍ଡା, ସୁକାନ୍ତ ଦାସ, ଓ ଦିଲ୍ଲୀପ ସାମନ୍ତରାୟ ଦୋକାନରୁ ଚୋରଦଳ ତାଲା ଭାଙ୍ଗି ଟଙ୍କା ଓ ସାମଗ୍ରୀ ଲୁଟି ନେଇଛନ୍ତି। ଅନ୍ୟପଟେ ପ୍ରମୋଦ ସାହୁଙ୍କ ଗ୍ରୋସରୀ ଦୋକାନର ୫ଟା ତାଲା ଭାଙ୍ଗିବା ସହ ସିସିଟିଭିକୁ ଭାଙ୍ଗି ଦେଇଥିଲେ ସୁଦ୍ଧା ଚୋରି କରିବାରେ ସକ୍ଷମ ହୋଇ ନଥିଲେ। ରବି ଡାକୁଆ ଙ୍କ ଘରୁ ର ତାଲା ଭାଙ୍ଗି ଘର ମଧ୍ୟରେ ପସ ଥିବା ସତ୍ତ୍ୱେ ସେଠାରେ କିଛି ନଥିବାରୁ କୌଣସି ଚୋରି ହୋଇ ନାହୁଁ। ସୁକାନ୍ତ ପାନ ଦୋକାନରେ ୬ ହଜାର ଟଙ୍କା, ସାମଗ୍ରୀ, ଦିଲ୍ଲୀପ ସାମନ୍ତରାୟଙ୍କ ଗୋଦାମ ଘରୁ ପ୍ରାୟ ୧୨୧ ଗ୍ରାମ ଓଜନର ରୁପା କଏନ, ପ୍ରଶାନ୍ତ ପଣ୍ଡାଙ୍କ ୩୦ ହଜାର ପୂଜା ସାମଗ୍ରୀ, ଏକ ବ୍ୟାଟେରୀ ଗାଡି ଚୋରି କରି ନେଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରି କନିସି ହାଟ ସିଂହଲା ରାସ୍ତାରୁ ବ୍ୟାଟେରି ଗାଡିକୁ ଜବତ କରିଛି।

# ଛତ୍ରପୁରକୁ ମିଳିଲା ମ୍ୟୁନିସିପାଲିଟି ମାନ୍ୟତା, ମିଶିବ ୨ ଗାଁ

ଛତ୍ରପୁର,୨୪।୨( ସନ୍ତୋଷ ପାଢ଼ୀ):

ଦୀର୍ଘ ବର୍ଷର ଦାବି ପୂରଣ ସହ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ନେଇ ସରକାର ଘୋଷଣା କରିଛନ୍ତି। ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ 'ପ୍ରସ୍ତାବରେ ଅଟକିଛି ଛତ୍ରପୁରକୁ ମୁନିସିପାଲିଟି ମାନ୍ୟତା, ସାଧାରଣ ନିର୍ବାଚନରେ ପ୍ରଭାବ ପଡିବ' ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଛତ୍ରପୁର ବ୍ଲକର ଅଗସ୍ତି ନୂଆଗାଁ ପଞ୍ଚାୟତର ଜିଏନ ପାଲମ ଓ କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର ଗାଁକୁ ଛତ୍ରପୁର ଏନଏସି ସହ ମିଶାଇ ଛତ୍ରପୁର ମ୍ୟୁନିସିପାଲିଟି ଗଠନ ହେବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଉକ୍ତ ଗାଁକୁ ଛତ୍ରପୁର ଏନଏସି ସହ ମିଶାଇ ମ୍ୟୁନିସିପାଲିଟି ପାଇଁ ଆବଶ୍ୟକ ଜନସଂଖ୍ୟା ପୂରଣ ହୋଇପାରିବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବଂ ରାଜ୍ୟ ସରକାରଙ୍କ ଚିଠି ଆଧାରରେ ତତ୍କାଳୀନ ଜିଲାପାଳ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇଥିଲେ। ୨୦୧୧ ଜନଗଣନାରେ ଜିଏନ ପାଲମର ଜନସଂଖ୍ୟା ୧୯୫୪ ଓ ପୁରୁଣା ଛତ୍ରପୁରର ଜନସଂଖ୍ୟା ୨୮୪୫ ରହିଥିଲା। ଏହିସବୁ ଜନସଂଖ୍ୟାକୁ ମିଶାଇଲେ ଏନଏସି ଜନସଂଖ୍ୟା ୨୬ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଉକ୍ତ ପ୍ରସ୍ତାବରେ ଦର୍ଶାଯାଇଥିଲା। ଭାରତୀୟ ବିକାଶ ପରିଷଦର ପିଟିସନର ଶୁଣାଣି କରି ୨୦୧୯ ଅଗଷ୍ଟ ୫ରେ ହାଇକୋର୍ଟଙ୍କ ପକ୍ଷରୁ ୬ ସପ୍ତାହ ମଧ୍ୟରେ ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା ଦେବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ରାଜ୍ୟ ସରକାର ଶୁଣି ନଥିଲେ। ପରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଛତ୍ରପୁର ଏନଏସିକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ମ୍ୟୁନିସିପାଲଟି ମାନ୍ୟତା ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୧୯୫୫ରେ ଛତ୍ରପୁର ଏନଏସି ଗଠନ ହୋଇଥିଲା । ୨୦୧୧ ଜନଗଣନା ଅନୁସାରେ ଏହାର ଜନସଂଖ୍ୟା ୨୨ ହଜାର ୨୭ ଥିଲା । ମ୍ୟୁନିସିପାଲିଟି ପାଇଁ ଜନସଂଖ୍ୟା ୨୫ ହଜାରରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ, ଯାହାକି ନିକଟବର୍ତ୍ତୀ ପଞ୍ଚାୟତର କେତୋଟି ଗାଁକୁ ଏନଏସିରେ ସାମିଲ କଲେ ଏହି ସଂଖ୍ୟା ହୋଇଯାଉଛି ବୋଲି ଜଣାପଡ଼ିଛି।




### ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା

ଛତ୍ରପୁର(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ଘୋଷଣା ପରେ ଛତ୍ରପୁର ବାସୀ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆ, ବିଧାୟକ ଏବଂ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ଲୋଏର ବସଷ୍ଟାଣ୍ଡଠାରେ ମିଷ୍ଟାନ୍ନ ବଣ୍ଟନ କରାଯିବ ସହିତ ବାଣଫୁଟାଇ ଖୁସି ଜାହିର କରିଥିଲେ। ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, କାଉନସିଲର ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ସନ୍ତୋଷୀ ସେଠି ଓ କେ. ରମେଶ, ନଗର ବିଜେଡି ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ସନ୍ମୁଖ ପଟ୍ଟନାୟକ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଖବରଦାତା ସମ୍ମିଳନୀ
# ଚିକିଟି ନିର୍ବାଚନମଣ୍ଡଳୀ ବିକାଶରେ ବାଧା

ପାତ୍ରପୁର,୨୪।୨(ଉମା ଚରଣ ନେପାକ)

ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ଦେଉଳିଆ କାଶୀ ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। ସମ୍ମିଳନୀରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ଗଞ୍ଜାମ ଜିଲା ସଭାପତି ବିଭୂଧେନ୍ଦ୍ର ପାଢ଼ୀ, ଜିଲା ସାଧାରଣ ସଂପାଦକ ସନ୍ତୋଷ କୁମାର ସାହୁ ଓ କୋଷାଧ୍ୟକ୍ଷ ସପ୍ନେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଚିକିଟି ନିର୍ବାଚନ ମଣ୍ଡଳୀରେ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା କହିଥିଲେ। ସେହିପରି ନିର୍ବାଚନ ମଣ୍ଡଳୀରେ ପରିବାରବାଦ୍ ରାଜନୀତି ଯୋଗୁ ବିକାଶରେ ବାଧା ହୋଇଥିବା, ଭ୍ରଷ୍ଟାଚାର ଓ ଦୁର୍ନୀତି ବୃଦ୍ଧି ପାଇବା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା, ଶିକ୍ଷା ବିଭାଗରେ ଜାଲି ଶିକ୍ଷକ ଚିହ୍ନଟ ନ ହେବା, ମଠ ମନ୍ଦିର ଭୂସମ୍ପତ୍ତି ବେଆଇନ ଭାବେ ଜବରଦଖଲ କରି ବିକ୍ରି ହେଉଥିବା ବେଆଇନ ବାଲି ବାହୁଦା ନଦୀ ଗର୍ଭରୁ ଜେସିବି ଲଗାଇ ଶ୍ରୀହୀନ କରିବା, ମେଡ଼ିକାଲରେ ଡାକ୍ତର ଅଭାବ ରହିଥିବା ଭଳି ବହୁ ବିଷୟରେ ଉଦବେଗ ପ୍ରକାଶ କରିଥିଲେ।

# ଢଉଗାଁରେ ସ୍ୱାସ୍ଥ୍ୟ ଶିବିର



ଧରାକୋଟ,୨୪।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ )

ଧରାକୋଟ ବ୍ଲକ ଅନ୍ତର୍ଗତ ଢଉଗାଁ ଛକ ସ୍ଥିତ ଜୟକିସାନ ଜଙ୍କସନରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ଅନିଲ୍ ବେହେରା,ପ୍ରାଣୀଧନ ନିରୀକ୍ଷକ ଆଦିତ୍ୟ ନାରାୟଣ ଦୋରା ଉପସ୍ଥିତ ରହିଥିଲେ। ଶିବିରରେ ରକ୍ତ ପରୀକ୍ଷା, ରକ୍ତଚାପ, ମଧୁମେହ ରୋଗର ଚିକିତ୍ସା ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଡାକ୍ତର ସୁରେନ୍ଦ୍ର ସେଠୀ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେବା ଯୋଗାଇ ଥିଲେ। ସ୍ୱାସ୍ଥ୍ୟ ଶିବିରର ଆଭିମୁଖ୍ୟ ହେଲା ଅଞ୍ଚଳର ଚାଷୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ବା ସହ କୃଷି ସମ୍ବନ୍ଧୀୟ ସମସ୍ତ ଜ୍ଞାନ ଓ କୌଶଳ ପ୍ରଦାନ କରିବା ଆଦି ରହିଛି। ଯୁଆରୀ ଫାର୍ମ ହବ୍ ଲିମିଟେଡ଼ର ଅଞ୍ଚଳ ପ୍ରବନ୍ଧକ ଅଗ୍ରଜ କୁମାର ପାଢ଼ୀ, ଷ୍ଟୋର ମ୍ୟାନେଜର ବାଲ ଗୋପାଳ ବେହେରା, ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିବାବେଳେ ଫାର୍ମାସିଷ୍ଟ ମାଇକେଲ ଜେନା, ସୁଶାନ୍ତ ପ୍ରଧାନ, ମହେଶ୍ ପାତ୍ର,ଚତୃଭୂଜ ପ୍ରଧାନ, ପ୍ରମୁଖ ଶିବିର କୁ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ

ଛତ୍ରପୁର,୨୪।୨ (ସନ୍ତୋଷ ପାଢ଼ୀ/ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ ଛତ୍ରପୁର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଆସିକା ଏମପି ପ୍ରମିଳା ବିଷୋୟୀ, ମୁଖ୍ୟବକ୍ତା ରୂପେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥି ରୂପେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ ଓ ପବିତ୍ର ମୋହନ ସାହୁ, ଡିଆଇଇଟି ଅଧ୍ୟକ୍ଷ ଡ଼. ସନ୍ତୋଷ କୁମାର ପରିଡ଼ା ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଆସ୍କା ଏମପି ପ୍ରମିଳା ସ୍ୱାଇଁ ଓଡ଼ିଶା ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରମାନଙ୍କ ଉନ୍ନତି ପାଇଁ ବହୁତ ଯୋଜନା କରିଛନ୍ତି, ଯାହା ଦେଶ ଗଠନରେ ସାହାଯ୍ୟ କରିପାରିବ ବୋଲି ଉଦବୋଧନ ଦେଇଥିଲେ। ଏହି ସମାରୋହରେ ୨୧୭ଟି ଜିଲାସ୍ତରୀୟ ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର, ୨୨୫୦ଟି ବ୍ଲକସ୍ତରୀୟ ଷ୍ଟୁଡେଣ୍ଟ ଏକାଡେମୀ ପୁରସ୍କାର, ୧୧୨୯ଟି ଷ୍ଟୁଡେଣ୍ଟ ଲିଡରସିପ ପୁରସ୍କାର, ୬୯ଟି ମାଧ୍ୟମିକ ସ୍କୁଲ ପୁରସ୍କାର, ୬୨ଟି ପ୍ରାଥମିକ ସ୍କୁଲ ପୁରସ୍କାର, ୧୬ଟି ଗ୍ରାମ ପଞ୍ଚାୟତ ପୁରସ୍କାର, ୨୧ଟି ଆଲୁମିନି କମିଟି ପୁରସ୍କାର, ୨୩ଟି ସ୍କୁଲ ପରିଚାଳନା କମିଟି ପୁରସ୍କାର, ୨୩ଟି ପ୍ରାଥମିକ ଶିକ୍ଷକ ପୁରସ୍କାର, ଏହିପରି ମୋଟ ୩୮୩୩ଟି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ପୁରସ୍କାରପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରଙ୍କ ସମେତ ପ୍ରାୟ ୪୦୦୦ରୁ ଉର୍ଦ୍ଧ୍ୱ ଉପସ୍ଥିତ ଥିଲେ।

## ସଫେଇ କର୍ମଚାରୀ ମଜଦୁର ସଭା ଖଲ୍ଲିକୋଟ ଶାଖାର ବୈଠକ

ଖଲ୍ଲିକୋଟ,୨୪।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସହରରେ ଥିବା ଅମରେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ହିନ୍ଦ୍ ମଜଦୁର ସଭା (ଏଚଏମଏସ) ସହିତ ଅନୁବନ୍ଧିତ ଓଡ଼ିଶା ଠିକା ସଫେଇ କର୍ମଚାରୀ ମଜଦୁର ସଭା ଖଲ୍ଲିକୋଟ ଶାଖାର ସାଧାରଣ ପରିଷଦ ବୈଠକ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଏଚ୍‌ଏମ୍‌ଏସ୍‌ର ଉପସଭାପତି ରବି ରଥ, ସମ୍ପାଦକ ରାଜେନ୍ଦ୍ର ଦାଶ, ଅରୁଣ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ରାଜୀବ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ରହି କର୍ମଚାରୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ରଥ ଓଡ଼ିଶାର ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ୨୦୧୩ରୁ ସଂଶୋଧନ କରାଯାଇନଥିବାରୁ ଏହି କର୍ମଚାରୀମାନେ ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ କର୍ମଚାରୀମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ସମ୍ପାଦକ ଦାଶ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ଆଇନ ଏବଂ ଏହାର କାର୍ଯ୍ୟକାରୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ କରିବା, ଇପିଏଫ ଓ ଇଏସ୍‌ଆଇ କର୍ମଚାରୀ କ୍ଷେତ୍ରରେ ଲାଗୁ କରିବା, ପୋଷାକ ଭତ୍ତା ଏବଂ କର୍ମଚାରୀମାନଙ୍କ ସ୍ଥାୟିତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଆଗାମୀ ଦୁଇ ବର୍ଷ ପାଇଁ ଠିକା ସଫେଇ ମଜଦୁର ସଭା କର୍ମକର୍ତ୍ତା ନିର୍ବାଚନ କରାଯାଇ ବିପିନ ବିହାରୀ ସାମନ୍ତ ସଭାପତି, ପୂର୍ଣ୍ଣଚନ୍ଦ୍ର ବେହେରା ସାଧାରଣ ସମ୍ପାଦକ, ରାଜୀବ ଖାଡ଼ଙ୍ଗା କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯିବା ସହିତ ୧୧ ଜଣଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଶୀଘ୍ର କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସଭାପତି ବେହେରା ପ୍ରକାଶ କରିଥିଲେ।

# ଗୋଖରକୁଦା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଗଞ୍ଜାମ,୨୪।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଗୋଖରକୁଦା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବାର୍ଷିକ ଉତ୍ସବ ପାଳନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସଂଯୁକ୍ତା ପ୍ରଧାନ, ସମ୍ମାନିତ ଅତିଥି ବୁର୍ଲା ମେଡିକାଲ ପ୍ରଫେସର ଡ. ମାଧବ ନାୟକ, ଡା. ଦେବାନନ୍ଦ ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ ଜେନା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ବେହେରା, ବିଆର୍‌ସିସି ବିଜୟ କୁମାର ବେହେରା, ଗୋଖରାକୁଡା ସ୍କୁଲ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକ, ସିଆର୍‌ସିସି ସୁରେନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସିଆର୍‌ସିସି ସଞ୍ଜୟ କୁମାର ତରାଇ, ଖବରଦାତା ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା, ଉମାକାନ୍ତ ବେହେରା, ପୂର୍ବତନ କମିଟି ସଭାପତି ଆର.କାଶୀନାଥ ପ୍ରମୁଖଙ୍କୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ରଘୁନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ କୃଷ୍ଣ ଚନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ସୁଜ୍ଞାନୀ ସାହୁ, ଝୁମିତା ବେହେରା ଓ ପ୍ରମିଳା ଶବର ପ୍ରମୁଖ ପରିଚାଳନା କରିଥିଲେ।




ଉତ୍ସବରେ ଉପସ୍ଥିତ ଅତିଥି।

# ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଉତ୍ସବ

ରମ୍ଭା,୨୪।୨(ବନବାସୀ ସେଠୀ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତସ୍ଥିତ ରଘୁନାଥପୁର ଗ୍ରାମରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ସ୍ଥାୟୀ ଶିକ୍ଷାଳୟ ପ୍ରତିଷ୍ଠା ହୋଇଛି। କର୍ତ୍ତା ଭାବେ ସୁରେନ୍ଦ୍ର ପଣ୍ଡା ଓ କୁନି ପଣ୍ଡା କାର୍ଯ୍ୟ ସଂପାଦନା କରିଥିବା ବେଳେ ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓ ବରିଷ୍ଠ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳଙ୍କ ମାର୍ଗଦର୍ଶନ କ୍ରମେ କାର୍ଯ୍ୟ ହୋଇଥିଲା। ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ବେହେରା, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବନମାଳୀ ସେଠୀ, ଦିଗପହଣ୍ଡି ହରପ୍ରିୟା ଆଶ୍ରମର ସନ୍ଥ ଯୋଗୀ ଦେବଦତ୍ତ ମହାରାଜ, କୋରାପୁଟର ବିଶିଷ୍ଟ ସମାଜସେବୀ ଡଃ ଜଳେନ୍ଦ୍ର ତ୍ରିପାଠୀ, ବ୍ରହ୍ମପୁର ଅଞ୍ଚଳର ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସତୀଶ ମହାପାତ୍ର, ଡଃ ମାନସ ରଞ୍ଜନ ଦାସ, ଡ଼ଃ ଅଶ୍ୱିନୀ କୁମାର ବେହେରା, ବିଇଓ ଭାଗିରଥି ବେହେରା, ତହସିଲଦାର, ଆଦିତ୍ୟ ବିର୍ଲା ଗ୍ରାସିମ ପରିଚାଳକ, ଅଜୟ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଶିକ୍ଷା ଗୁରୁ ନିରଞ୍ଜନ ମୁଦୁଲି ଓ ମନ୍ମଥ ନାୟକ, ଶଙ୍କର ନାରାୟଣ ବେଜ, ସିହେଚ୍.ସୁଧାକର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# କଳାକାର ସଂଘର ସଚେତନତା କାର୍ଯ୍ୟକ୍ରମ

ଶେରଗଡ/ ଧରାକୋଟ ୨୪।୨ (ସୂର୍ଯ୍ୟନାରାୟଣ ଦାଶ/ (ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଶେରଗଡ ବ୍ଲକର ଲୋକକଳା ମାଧ୍ୟମରେ ସଚେତନତା ଗତ ୯ରୁ ଆରମ୍ଭ ହୋଇ ଶନିବାର ଶେଷ ହୋଇଛି। ୯୫ଟି ଗ୍ରାମର ସମସ୍ତ ସାହିରେ ୧୫ଟି ଯୋଜନା ସଂପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ମୋଟ ୮୮ କଳାକାର ଦଳ ସାମିଲ ଥିଲେ। ଶେରଗଡ ଠାରୁ ଆରମ୍ଭ ହୋଇଥିବା ସଚେତନତା କରଡା ଓ ତହଁର ଗ୍ରାମରେ ଶେଷ ହୋଇଛି। ଆରମ୍ଭ ଦିନ ଶେରଗଡଠାରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡ଼ିଓ ଶିବାଶିଷ ବରାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ସାହୁ, ବ୍ଲକ ଲୋକକଳା ସଂଘର ଉପସଭାପତି ବିଜୟ କୁମାର ଦୋରା ଶୁଭାରମ୍ଭ କରିଥିଲେ। ସେହିପରିଧରାକୋଟ ବ୍ଲକରେ ରାଜ୍ୟ ସରକାରଙ୍କ ଜନହିତକର ଓ ଲୋକାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ଏହାର ସୁଫଳ ଯେପରି ସାଧାରଣ ଜନତା ପାଇପାରିବେ ସେଥିପାଇଁ ବ୍ଲକ କଳାକାର ସଂଘ ତରଫରୁ ସମସ୍ତ ୧୮ଟି ପଞ୍ଚାୟତର ୧୭୨ଟି ଗ୍ରାମରେ ଜାନୁଆରୀ ୨୭ରୁ ଆରମ୍ଭ ହୋଇଛି। ୪୯ଟି କଳାକାର ସଂଘ ଏଥିରେ ସାମିଲ ହୋଇଛନ୍ତି।

# ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

ବୁଗୁଡ଼ା,୨୪।୨(କାଳୀଚରଣ ଦାଶ)- ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ତାଳସାକର କ୍ଲଷ୍ଟର ପକ୍ଷରୁ ତାଳସାକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଇଓ ଚିନ୍ମୟ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ ଓ ତପସ୍ୱିନୀ ସାହୁ, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀ ଯୋଗ ଦେଇଥିଲେ। ସିଆର୍‌ସିସି ମାନସ ରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ତାଳସାକର କ୍ଲଷ୍ଟର ଅନ୍ତର୍ଗତ ୧୫ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ସାଙ୍ଗକୁ ଶିଶୁଙ୍କ ଉପଯୋଗୀ ଖେଳଣା, ପ୍ରକଳ୍ପ ଓ ଚିତ୍ରକଳା ଆଦି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସମସ୍ତ ବିଦ୍ୟାଳୟର ଅଂଶଗ୍ରହଣକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଜଙ୍ଗଲରେ ନିଆଁ ଲାଗିଲେ ସାଟେଲାଇଟ୍ ସତର୍କ କରାଇବ

ଭଞ୍ଜନଗର,୨୪।୨(ବାବୁଲା ପ୍ରଧାନ):

ଫେବୃୟାରୀ ମାସ ଶେଷ ସପ୍ତାହରୁ ହିଁ ତାତି ଆରମ୍ଭ ହୋଇଗଲାଣି । ଆଗକୁ ତାତି ଭୟଙ୍କର ହେବ । ବିଗତ ୫ମାସ ହେବ ଭଞ୍ଜନଗର ଅଞ୍ଚଳରେ ବର୍ଷା ସେଭଳି ପ୍ରାୟ ହୋଇନାହିଁ । ମଝିରେ ମଝିରେ ସାମାନ୍ୟ ବର୍ଷା ହୋଇଛି । ବର୍ଷା ନଥିବା ଯୋଗୁ ଭୂତଳ ଜଳସ୍ତର ବହୁତ ତଳକୁ ଚାଲିଗଲାଣି। ଭଞ୍ଜନଗର ସହର ତଳି ଲଣ୍ଡେଇସାହିରେ ବର୍ତ୍ତମାନଠାରୁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ଆଗକୁ ଆହୁରି ଭୟଙ୍କର ପରିସ୍ଥିତି ହେବାର ସମ୍ଭାବନା ରହିଛି। ବ୍ଲକର ଅନ୍ୟ ଅଞ୍ଚଳରେ ମଧ୍ୟ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ସରକାର ସମସ୍ତ ଘରକୁ ପାଇପ ଯୋଗେ ପାଣି ଯୋଗାଣ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଉକ୍ତ ମେଗା ପ୍ରକଳ୍ପ କାମ ବିଗତ କିଛିମାସ ହେବ ଆରମ୍ଭ ହୋଇଛି। ତାହା ସରିବାକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ଦିନ ଲାଗିଯିବ । ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି । ବର୍ଷା ନଥିବା ଜଙ୍ଗଲ ଜମି ଶୁଷ୍କ ଅଛି । ଗଛର ପତ୍ର ଝଡ଼ା ଦେଉଛି । ତେଣୁ ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ମଧ୍ୟ ନିଆଁ ଲାଗିବା ସମ୍ଭାବନା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ବିଭାଗ ପକ୍ଷରୁ ମୁଜାଗଡ଼, କେନ୍ଦ୍ରୀୟ, ତାରସିଂ, ଗାଲେରୀ, ଜଗନ୍ନାଥପ୍ରସାଦ ରେଞ୍ଜରେ ବାରମ୍ବାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏଥିସହ ଜଙ୍ଗଲରେ ଫାୟାର ଲାଇନ କଟାଯାଉଛି । ଫାୟାର ଲାଇନ କଟାଗଲେ ଜଙ୍ଗଲରେ ଅଧିକ ଅଞ୍ଚଳକୁ ନିଆଁ ବ୍ୟାପିବ ନାହିଁ । ତେଣୁ ପ୍ରତ୍ୟେକ ଜଙ୍ଗଲରେ ବର୍ତ୍ତମାନ ଫାୟାର ଲାଇନ କଟା କାର୍ଯ୍ୟଚାଲିଛି । ଗତ ବର୍ଷର ଜଙ୍ଗଲ ପୋଡ଼ିକୁ ଦେଖି ସେଚ୍ଛାସେବୀମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଜଙ୍ଗଲ ପୋଡ଼ିକୁ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ଜଙ୍ଗଲ ଏବଂ ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିବ ସେନେଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଦୈନନ୍ଦିନ ବିଭିନ୍ନ ରେଞ୍ଜ ଗସ୍ତ କରି ସମୀକ୍ଷା କରୁଛନ୍ତି। ସୂଚନାଯୋଗ୍ୟ, ଯେ ପୂର୍ବରୁ ଜଙ୍ଗଲରେ ନିଆଁ ଲାଗିଲ ଗ୍ରାମବାସୀଙ୍କ ସୂଚନାକୁ ଆଧାର କରି ନିଆଁକୁ ଦମନ କରାଯାଉଥିଲା । କିନ୍ତୁ ବିଗତ ଦୁଇବର୍ଷ ହେବ ସାଟେଲାଇଟ୍ ମାଧ୍ୟମରେ ଜଙ୍ଗଲ ନିଆଁକୁ ଠାବ କରାଯାଉଛି । ଏହାପରେ ସମ୍ପୃକ୍ତ ଅଞ୍ଚଳର ବିଭାଗୀୟ କର୍ମଚାରୀଙ୍କ ପାଖକୁ କେଉଁ ଜଙ୍ଗଲରେ ନିଆଁ ଲାଗିଛି ଏକ ଆଲର୍ଟ ମେସେଜ୍ ଆସୁଛି । ଏହାପରେ କର୍ମଚାରୀମାନେ ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନଙ୍କୁ ନେଇ ନିଆଁକୁ ଦମନ କରିବା ପାଇଁ ଲାଗିପଡ଼ନ୍ତି । ଯଦି ନିଆଁ ଲିଭାଇବାରେ ବିଳମ୍ବ ହୁଏ ତେବେ ପୁଣି ଆଲର୍ଟ ମେସେଜ୍ ଆସିଥାଏ । ତେଣୁ ପୂର୍ବ ଅପେକ୍ଷା ଜଙ୍ଗଲ ନିଆଁକୁ ଠାବ କରିବା ସହଜ ହୋଇପଡ଼ିଛି ।



ଗାଲେରୀ ରେଞ୍ଜ ପକ୍ଷରୁ ଫାୟାର ଲାଇନ କଟାଯାଉଛି ।

